# Visit of Minister of Foreign Affairs of Maldives to India (April 15-16, 2021)

April 14, 2021

---

# ମାଳଦ୍ୱୀପ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଭାରତ ଗସ୍ତ (15-16 ଏପ୍ରିଲ 2021)

**ଏପ୍ରିଲ 14, 2021**

ମାଳଦ୍ୱୀପର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଅବଦୁଲ୍ଲା ସହିଦ 15-16 ଏପ୍ରିଲ 2021 ରେ ଭାରତ ଗସ୍ତରେ ଆସିବେ।

ବୈଦେଶିକ ମନ୍ତ୍ରୀ ସହିଦ ତାଙ୍କ ଦିଲ୍ଲୀ ଗସ୍ତ ସମୟରେ 16 ଏପ୍ରିଲ 2021 ରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କୁ ଭେଟି ପାରସ୍ପରିକ ସ୍ୱାର୍ଥର ଦ୍ୱିପାକ୍ଷିକ, ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବେ।

ରାଇସିନା ଆଲୋଚନାରେ "ଫାଇନାନସିଙ୍ଗ୍ ଫର୍ ସନ୍" ଏବଂ "ମହାମାରୀ ପରେ ବିଶ୍ୱ ଜନସ୍ୱାସ୍ଥ୍ୟ" ଉପରେ ଅଧିବେଶନରେ ବୈଦେଶିକ ମନ୍ତ୍ରୀ ସହିଦ ଭର୍ଚୁଆଲ୍ ଉପାୟରେ ଅଂଶଗ୍ରହଣ କରିବେ।

ଭାରତ ମହାସାଗର କ୍ଷେତ୍ରରେ ମାଳଦ୍ୱୀପ ହେଉଛି ଭାରତର ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ରାଷ୍ଟ୍ର ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ 'ସାଗର' ପରିକଳ୍ପନାରେ – ଏହି ଅଞ୍ଚଳର ସମସ୍ତଙ୍କ ସୁରକ୍ଷା ଏବଂ ଅଭିବୃଦ୍ଧି – ଏକ କେନ୍ଦ୍ରୀୟ ତଥା ବିଶେଷ ସ୍ଥାନ ଗ୍ରହଣ କରିଛି। ବୈଦେଶିକ ମନ୍ତ୍ରୀ ସହିଦଙ୍କ ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି।

**ନୂଆଦିଲ୍ଲୀ**
**ଏପ୍ରିଲ 14, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.